# Akashvani, Sambalpur

## SAMBALPURI NEWS BULLETIN

### 1 September 2024- 6.47- 6.52 am.

*********************************************

ସୁଭଦ୍ରା ଯୋଜ୍‌ନାର୍ ପଞ୍ଜିକରଣ ଆର୍‌ଏନ୍‌ୟୁ /ସମ୍ବଲପୁର

ମହିଲା ମାନ୍‌କର୍ ସାମାଜିକ୍ ଆର୍ ଆର୍ଥିକ୍ ଥିତିକେ ମଜ୍‌ବୁତ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ମୁଲ୍ ହେଇଥିବା ସୁଭଦ୍ରା ଯୋଜ୍‌ନାର୍ ପଞ୍ଜିକରଣ୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଉଛେ । ସବୁ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର ଆର୍ ସାଧାରଣ୍ ସେବାକେନ୍ଦ୍ରମାନ୍‌କୁ ଆବେଦନ୍‌କାରୀମାନେ ଫର୍ମ ପୂରଣ୍ କରିକରି ଦାଖଲ୍ କରିପାର୍‌ବେ । ଇ ପଞ୍ଜିକରଣ୍ ପ୍ରକ୍ରିୟା ଲାଗି ପଏସା ଦେବାର୍‌କେ ନାଇଁ ପଡ଼େ । ସୂଚ୍‌ନା ଅନ୍‌ସାରେ ଆବେଦନ୍‌କାରୀଙ୍କର୍ ପାଖେ ନିଜର୍ ନାଁଥି ଆଧାର୍‌କାର୍ଡ଼ ଆର୍ ଆଧାର୍ କାର୍ଡ଼ ସାଙ୍ଗେ ନିଜର୍ ନାଁଥି ଥିବା ବେଙ୍କ୍ ଏକାଉଂଟ୍ ଜୁଡ଼ି ହେଇକରି ଥିବାର୍‌ଟା ଜରୁରୀ ଆଏ । ଦର୍‌ଖାସ୍ତକାରୀଙ୍କର୍

ମୋବାଇଲ୍ ନମ୍ବର୍ ଭିଲ୍ ଆଧାର୍‌କାର୍ଡ୍ ସାଙ୍ଗେ ଜୁଡ଼ି ହେବାର୍ ଦର୍‌କାର୍ । ଇ ଯୋଜ୍‌ନା ବାବ୍‌ଦେ କେହେନି ପ୍ରକାର୍ ଭୁଲ୍ ଖବର୍‌ଥି ପ୍ରଭାବିତ୍ ନାଇଁ ହେବାର୍‌କେ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ଯୋଜ୍‌ନାଥି ରାଜ୍ୟର୍ ୧ କୋଟିନୁ ଅଏତ୍‌କା ମହିଳା ଉପକୃତ ହେଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

ପୁଲିସ୍ କର୍ମଚାରୀ ପଦ୍‌ବୀ ପୂରଣ          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ଶହେ ଦିନ୍ ଭିତ୍‌ରେ ୩ ହଜାର୍ ପୁଲିସ୍ କର୍ମଚାରୀ ପଦ୍‌ବୀ ପୂରଣ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ଗୃହ ବିଭାଗ୍‌ର ଖର୍ଚ୍ଚ ଦାବି ଆଲୋଚନାଥି ମୁଖ୍ୟମନ୍ତ୍ରୀ ଇ ଘୋଷ୍‌ନା କର୍‌ବାର୍ ସଙ୍ଗେ କହିଛନ୍ ଯେ, ସର୍‌କାର୍ ପୁଲିସ୍ ବିଭାଗ୍‌ଥି ୫ ହଜାର୍ ନୂଆଁ ପଦ୍‌ବୀ ସୃଷ୍ଟି କରିଛନ୍ ଆର୍ ଖାଲିଥିବା ୬ ହଜାର୍‌ନୁ ଅଏତ୍‌କା ପଦ୍‌ବୀ ପୂରଣ୍ ଲାଗି ଅନୁମତି ଦେଇସାରିଛନ୍ । ରାଜ୍ୟର୍ ଫି ଥାନାକେ ୭ ଟା ମଟର୍ ସାଇକିଲ୍ ଦିଆଯିବା ଆର୍ ଫି ସର୍‌କାରୀ ମେଡ଼ିକାଲ୍

କଲେଜ୍ ନ ଫାଣ୍ଡି ଖୁଲ୍‌ବା ଆଉ ଗୃହରକ୍ଷୀ ନିଯୁକ୍ତି ଉପ୍‌ରୁ ନିଷିଦ୍ଧାଦେଶ୍ ଉଠାଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସାମ୍ବାଦିକ୍ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସାମ୍ବାଦିକ୍‌ମାନ୍‌କୁ ଦିଆଯାଉଥିବା ସ୍ୱାସ୍ଥ୍ୟ ବୀମା ଯୋଜ୍‌ନାର୍ ସମିଆକେ ଆଏଜ୍‌ଠାନୁ ଆଏବା ୨୦୨୫ ମସିହା ଅଗଷ୍ଟ୍ ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅନୁମୋଦନ୍‌ଥି ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ୍ ସ୍ୱାସ୍ଥ୍ୟବୀମା ଯୋଜ୍‌ନା ନବୀକରଣ୍ ହେଇଛେ । ଇ ବାବ୍‌ଦେ ୮ କୋଟି ୫୫ ଲାଖ୍ ୭୬ ହଜାର୍ ୩ ଶହ ୧୪ ଟଙ୍କା ଦିଆଯିବାର୍ ସଙ୍ଗେ ବୀମା କମ୍ପାନୀ ସାଙ୍ଗେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ସୂଚ୍‌ନା ଅନ୍‌ସାରେ ଇ ବୀମା ଯୋଜ୍‌ନାଥି ୭ ହଜାର୍ ୪୧ ଝନ୍ ସାମ୍ବାଦିକ୍ ଆଏବା ଗୁଟେ ବଛର୍ ଲାଗି ସାମିଲ୍ ହେଇଛନ୍ । ଇତାର୍‌ସଙ୍ଗେ ନୂଆଁକରି ଯୋଜ୍‌ନାଥି ପଞ୍ଜିକୃତ ହେବାର୍‌କେ ଇ ମାସର୍ ପହେଲା ହପ୍ତାଥି ସୂଚନା ଆଉ

ଲୋକସମ୍ପର୍କ ବିଭାଗ୍‌ର ପୋର୍ଟାଲ୍ ଖୁଲ୍‌ବା । ହେଥି ନୂଆଁ ଦର୍‌ଖାସ୍ତ୍ ମଗାଯିବା ଆର୍ ହେ ପ୍ରକ୍ରିୟା ମାସେ ତକ୍ ଜାରି ରହେବା ।

ସ୍କୁଲ୍ ନ ସ୍ୱଚ୍ଛତା ପକ୍ଷ ପାଲନ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍ ନ ଆଏବା କାଏଲ୍‌ନୁ ସ୍ୱଚ୍ଛତା ପକ୍ଷ ପାଲନ୍ କରାଯିବା । ଆଏବା ୧୫ ତାରିଖ୍‌ତକ୍ ସ୍ୱଚ୍ଛତା ପକ୍ଷ ପାଲନ୍ ଅବ୍‌ସରେ ସ୍କୁଲ୍‌ମାନ୍‌କୁ ସଫେଇ ଉପ୍‌ରେ ଜୋର୍ ଦିଆଯିବା । ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ଆଉ ପ୍ଲାଷ୍ଟିକ୍ ପ୍ରଦୂଷଣ୍ ରୁକ୍‌ବାର୍‌କେ ସଚେତନ୍ କରାଯିବା । ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍‌ଫୁ ଚିଠି ଲେଖାଯାଇଛେ ।

ଲଖ୍‌ପତି ଦିଦି-ଉପମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଚଲ୍‌ତି ଆର୍ଥିକ୍ ବଛ୍‌ରେ ୧୬ ଲାଖ୍ ୧୯ ହଜାର୍ ଝନ୍ ଲଖ୍‌ପତି ଦିଦି ସୃଷ୍ଟିର୍ ଯୋଜ୍‌ନା ରହିଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନ୍‌ସଭା ନ କହିଛନ୍ । ଗୁଟେ ପ୍ରଶ୍ନର୍ ଉତର୍

ଦେଇକରି ସେ କହିଛନ୍ ଯେ, ରାଜ୍ୟର୍ ୩୦ ଟା ଜିଲ୍ଲା ଭିତ୍ରୁ ଅନୁଗୁଲ୍, ଗଞ୍ଜାମ୍ ଆର୍ ମୟୁର୍ଭଞ୍ଜ୍ ଜିଲ୍ଲା ନ ସବୁନୁ ଅଏତ୍କା ମହିଳା ଅଛନ୍ ।

ଜାତୀୟ ପୋଷଣ୍ ମାସ ଆର୍ଏନ୍ୟୁ /ସମ୍ବଲପୁର

ଦେଶେ ଆଏଜ୍ଠାନୁ ଜାତୀୟ ପୋଷଣ୍ ମାସ୍ ପାଲନ୍ ମୁଲ୍ ହେବା । କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଦେବୀ ଗଲାକାଏଲ୍ ଗୁଜୁରାଟ୍ର ଗାନ୍ଧୀ ନଗର୍ ନ ଥିବା ମହାତ୍ମାଗାନ୍ଧୀ ମନ୍ଦିର୍ନୁ ଜାତୀୟ ପୋଷଣ୍ ମାସ୍ ପାଲନ୍ର ଶୁଭାରମ୍ଭ କରିଛନ୍ । ମାସେ ଧରିକରି ଚାଲ୍ବାର୍କେ ଥିବା ଇ ଅଭିଯାନ୍ଥି ସାରା ଦେଶେ ଶିଶୁ, କିଶୋରୀ, ଗର୍ଭବତୀ ମହିଳା ଆଉ ଛୁଆକେ ଗୁରସ୍ ପିଅଉଥିବା ମା ମାନ୍କର୍ ପୁଷ୍ଟିହୀନତା ଦୂର୍ କର୍ବାର୍କେ ପଦକ୍ଷେପ୍ ନିଆଯିବା ।

ସ୍ୱଭାବକବି ଗଙ୍ଗାଧର୍ ମେହେରଙ୍କର୍ ଜୟନ୍ତୀ

ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲପୁର ବିଶ୍ୱବିଦ୍ୟାଳୟ - ଜ୍ୟୋତିବିହାର୍‌ର ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଆଏଜ୍ ସଖାଲର୍ ସାଢ଼େ ୯ ବଜେ ସ୍ୱଭାବକବି ଗଙ୍ଗାଧର୍ ମେହେରଙ୍କର୍ ଜୟନ୍ତୀ ସମାରୋହ ହେବା । ଇ ସମାରୋହଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟଅତିଥି ଆର୍ ପ୍ରଫେସର୍ ନଟବର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ୍ ଦେବେ । ସମାରୋହଥି ଡକ୍ଟର୍ ପ୍ରତିଭା ଶତ୍‌ପଥୀଙ୍କୁ ଭାରତ୍ ଚନ୍ଦ୍ର ନାୟକ୍ ସ୍ମୃତି ସମ୍ମାନ୍ ଆର୍ ସୁଜିତ୍ କୁମାର୍ ଶତ୍‌ପଥୀଙ୍କୁ ଡକ୍ଟର୍ ନୀଳମାଧବ ପାଣିଗ୍ରାହୀ ବାର୍ଷିକ୍ ସମ୍ମାନ୍ ଦିଆଯିବା ।

ଜିଲ୍ଲା ସଡ଼କ ସୁରକ୍ଷା କମିଟିର୍ ବୈଠକ    ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ସଡ଼କ ସୁରକ୍ଷା କମିଟିର୍ ବୈଠକ୍ ଗଲାକାଏଲ୍ ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଜାତୀୟ ରାଜପଥ ଆର୍ ରାଜ୍ୟ ରାଜପଥ ମାନ୍‌କର୍ ମରାମତି, ସର୍ଭିସ୍ ରୋଡ୍ ମାନ୍‌କୁ ପାର୍କିଂ ସମସ୍ୟା, ଆଗ୍‌କେ ଦେଖିବାର୍ ଲାଗି ଗଛ୍ ମାନ୍‌କୁ କାଟ୍‌ବାର୍

ଆର୍ ଦୁର୍ଘଟଣା ହଉଥିବା ଜାଗାମାନ୍‌କୁ ଜରୁରୀ ସେବା ପୁହୁଁଚାବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।

କୌଶଲ୍ ରଥ ଅଭିଯାନ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ନ କୌଶଲ୍ ରଥ ଅଭିଯାନ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଶେଷ୍‌ଦିନେ ଇ ରଥ ନବୋଦୟ ବିଦ୍ୟାଲୟ ସହେତେ ଅଲ୍‌ଗା ବିଦ୍ୟାଲୟ ବୁଲିଥିଲା ।

ଭିସୁଟ୍- ରେଗିଂ ପ୍ରତିରୋଧ୍ ହପ୍ତା          ହି.ସ.

ବୁର୍ଲାର୍ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ - ଭିସୁଟ୍ ନ ରେଗିଂ ପ୍ରତିରୋଧ୍ ହପ୍ତା ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ରେଗିଂର କାରଣ୍ ଆର୍ ନିରାକରଣ୍ ବାବ୍‌ଦେ ବିଶେଷଜ୍ଞମାନେ ବକ୍ତୃତା ଦେବାର୍ ସଙ୍ଗେ ଇତାର୍‌ଉପ୍‌ରେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ପ୍ରବନ୍ଧ, ପ୍ରାଚୀର ପତ୍ର ଆର୍ ରିଲ୍ସ ବନାବାର୍ ପ୍ରତିଯୋଗିତା କରାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଗୁଟେ ଅବପାତଥି ପରିଣତ୍ ହେଇଥିବାର୍ ବେଲେ ହେତାର୍ ପ୍ରଭାବ୍ଥି ଆଏବା ୩ ଦିନ୍ତକ୍ ରାଜ୍ୟର୍ କେତେ ଜାଗା ନ ବନିହାନ୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ସୂଚ୍ନା ଅନ୍ସାରେ ଆଏବା କାଏଲ୍ ସଖାଲ୍ତକ୍ ପଶ୍ଚିମ ଓଡ଼ିଶାର୍ କଲାହାଣ୍ଡି,  ଆର୍ ନୂଆପଡ଼ା ସହେତେ ଦକ୍ଷିଣ ଓଡ଼ିଶାର୍ କେତେ ଜାଗା ନ ଜବର୍ ବର୍ଷା ହେଇପାରେ ।